# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 February - 2025

### News Editor : Tapan Kumar Moharana

************************************

## ମୁଖ୍ୟ ସମ୍ବାଦ

- ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ, ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ହାର ତୁଳନାରେ ରାଜ୍ୟର ଅଭିବୃଦ୍ଧି ହାର ଅଧିକ
- ରାଜ୍ୟର ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ଅଛନ୍ତି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା
- ଭୁବନେଶ୍ୱରରେ ଚାଲିଥିବା ମତ୍ସ୍ୟପ୍ରାଣୀ ସମାବେଶର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ ରାଜ୍ୟପାଳ

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ସେଲିବ୍ରିଟି କ୍ରିକେଟ୍ ଲିଗ୍ ୨୦୨୫ ସଂସ୍କରଣର ମ୍ୟାଚ୍ ଜାରି

# ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ

ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ଖାଦ୍ୟଶସ୍ୟ ଉତ୍ପାଦନ, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ବିକାଶ, ଶିଳ୍ପାୟନ, କୃଷି, ସଫ୍ଟୱେୟାର ରପ୍ତାନୀ କ୍ଷେତ୍ରରେ ଅଭିବୃଦ୍ଧି ନେଇ ଅର୍ଥନୈତିକ ସର୍ଭେ-୨୦୨୪-୨୫ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବଜେଟ୍ ଉପସ୍ଥାପନ ପୂର୍ବରୁ ଗତକାଲି ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା ଦର୍ଶାଯାଇଛି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ୍ ଘରୋଇ ଉତ୍ପାଦନ ୯ ଦଶମିକ ୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହାକି, ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ । ଓଡ଼ିଶାର ମୁଣ୍ଡପିଛା ଆୟ ୧୦ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଁ ୧ ଲକ୍ଷ ୮୨ ହଜାର ୫୪୮ ଟଙ୍କାରେ ପହଞ୍ଚିବା ନେଇ ଆକଳନ କରାଯାଇଛି । ଶ୍ରମଶକ୍ତି ଅଂଶଗ୍ରହଣ କ୍ଷେତ୍ରରେ ସର୍ବଭାରତୀୟ ସ୍ତରଠାରୁ ରାଜ୍ୟ ଅଧିକ ଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ରାଜ୍ୟର କୃଷି କ୍ଷେତ୍ର ଜାତୀୟ ଅଭିବୃଦ୍ଧି ତୁଳନାରେ ଅଧିକ ଥିବା କୁହାଯାଇଛି । ଗତ ୫ ବର୍ଷରେ, ଓଡ଼ିଶାର କୃଷି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ ଏହି ହାରର ପରିମାଣ ୪ ଦଶମିକ ୧ ପ୍ରତିଶତ ରହିଛି ।

ଗତବର୍ଷ ଜୁନ୍ ମାସରୁ ଚଳିତବର୍ଷ ଜାନୁୟାରୀ ମାସ ମଧ୍ୟରେ ରାଜ୍ୟ ସରକାର ୨ଲକ୍ଷ ୪୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୩୩ଟି ନୂତନ

ନିବେଶକୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ୧ ଦଶମିକ ୮ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ ।

## ସ୍ୱୟଂସହାୟକ ଗୋଷ୍ଠୀ

ରାଜ୍ୟରେ ୬ ଲକ୍ଷ ୨ ହଜାର ୧୩ଟି ସ୍ୱୟଂସହାୟକ ଗୋଷ୍ଠୀରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଥିବା ଜଣାପଡିଛି। ରାଜ୍ୟ ମିଶନଶକ୍ତି ଅଧିନରେ ଏହି ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ କାର୍ଯ୍ୟ କରୁଛନ୍ତି ବୋଲି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୧ ହଜାରରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀ ଥିବାବେଳେ ବୌଦ୍ଧ ଜିଲ୍ଲାରେ ସବୁଠୁ କମ୍ ୬ ହଜାର ୧୩୫ଟି ସ୍ୱୟଂସହାୟକ ଗୋଷ୍ଠୀ ଅଛି। ସୂଚନା ଅନୁସାରେ, ନୂଆପଡା ଜିଲ୍ଲାରେ ସର୍ବାଧିକ ୩୩୭ଟି ସ୍ୱୟଂସହାୟକ ଗୋଷ୍ଠୀ ହ୍ରାସ ପାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓମ୍‌ଫେଡ୍ ଘିଅ-ଶ୍ରୀମନ୍ଦିର

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ମାସକୁ ପାଖାପାଖି ୨୨ ହଜାର କିଲୋଗ୍ରାମ୍ ଓମ୍‌ଫେଡ୍ ଘିଅର ଆବଶ୍ୟକତା ରହିଛି ବୋଲି  ବିଧାନସଭାରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କୋଠ ଭୋଗ ସହିତ ପିଠାପଣା, ଭୋଗ ରନ୍ଧନ ଏବଂ ଦୀପରେ ଓମ୍‌ଫେଡ୍ ଘିଅ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ନ କହିଛନ୍ତି, ଓଡ଼ିଶା ହାଇକୋର୍ଟରେ ମୋଟ୍ ୧ ଲକ୍ଷ

୪୮ ହଜାର ୯୭୨ଟି ମାମଲା ବିଚାରାଧୀନ ରହିଛି। ହାଇକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ୩୩ ମଧ୍ୟରୁ ବର୍ତ୍ତମାନ ୧୮ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ଖାଲିଥିବା ବିଚାରପତି ପଦବୀଗୁଡ଼ିକୁ ଭାରତୀୟ ସମ୍ବିଧାନର ଧାରା, ଜାତୀୟ ନ୍ୟାୟିକ କମିଟିର ସୁପାରିଶ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ପୂରଣ କରାଯାଇଥାଏ।

## ଆୟକର ବିଲ୍ ସମୀକ୍ଷା

ନୂଆ ଆୟକର ବିଲ୍ ସମୀକ୍ଷା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ୩୧ ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ଏନ୍‌ଡିଏ ମେଣ୍ଟର ୧୭ ଜଣ ସାଂସଦ ଏବଂ ୧୩ ଜଣ ବିରୋଧୀ ଦଳ ସାଂସଦ ଅଛନ୍ତି। ବିଜେପି ସାଂସଦ ବୈଜୟନ୍ତ ପଣ୍ଡା ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। କମିଟି ଆସନ୍ତା ଲୋକସଭା ଅଧିବେଶନର ପ୍ରଥମ ଦିନରେ ନୂଆ ଆୟକର ସମୀକ୍ଷା ରିପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିବେ। ସୂଚନାଯୋଗ୍ୟ, ଚଳିତ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ ରୁ ଆରମ୍ଭ ହୋଇ ଏପ୍ରିଲ୍ ମାସ ୪ ତାରିଖରେ ଶେଷ ହେବ।

## ବିଦେଶୀ ମୁଦ୍ରା

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ଅଭିବୃଦ୍ଧି ଜାରି ରହିଛି। ଚଳିତ ମାସ ୭ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାର ୭ ଦଶମିକ ୬/୫/୪ ବିଲିୟନ୍ ଡଲାର ବୃଦ୍ଧି ପାଇଛି। ପୂର୍ବ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ୧୧ ବିଲିୟନ୍ ଡଲାର ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ଚଳିତ ମାସ ୭ ତାରିଖ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା

ଭଣ୍ଡାରର ପରିମାଣ ୬୩୮ ଦଶମିକ ୨/୬/୧ ବିଲିୟନ୍ ଡଲାର ଥିଲା। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ସ୍ତର ୭୦୪ ଦଶମିକ ୮/୫ ବିଲିୟନ୍ ଡଲାର ଥିଲା।

## ଜନଶୁଣାଣି

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୨୪ ତାରିଖ ଦିନ ବନ୍ଦ ରହିବ। ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ବନ୍ଦ ରଖାଯାଇଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ।

## ମତ୍ସ୍ୟଚାଷ

ଭୁବନେଶ୍ୱରସ୍ଥିତ ବିଜୁପଟ୍ଟନାୟକ ପଡ଼ିଆରେ ଚାଲିଥିବା 'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫'ର ଉଦ୍‌ଯାପନୀ ସମାରୋହ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ମତ୍ସ୍ୟଚାଷ କ୍ଷେତ୍ରକୁ ସୁଦୃଢ଼ କରିବା, ସରକାରୀ ଯୋଜନାର ଉତ୍ତମ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ସହିତ ମାଛ ଉତ୍ପାଦନ ବୃଦ୍ଧି ଉପରେ ଗତକାଲି

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ଶୁକ୍ରବାରରୁ ଆରମ୍ଭ ହୋଇଥିବା ଏହି ୩ ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅନେକ ସଫଳ ଚାଷୀ ଯୋଗଦେଇଛନ୍ତି ।

## ୱେବ୍‌ସାଇଟ୍ ଠକେଇ

**ପୁରୀ** ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତନିବାସଗୁଡ଼ିକ ନାମରେ ନକଲୀ ୱେବ୍‌ସାଇଟ୍ ଖୋଲି ଠକେଇ ଘଟଣା ନଜରକୁ ଆସିବା ପରେ' ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରାଇମ୍‌ବ୍ରାଞ୍ଚ ମହାନିର୍ଦ୍ଦେଶକଙ୍କୁ ପତ୍ରଲେଖି ଅନୁରୋଧ କରିଛନ୍ତି ।

ଶ୍ରୀମନ୍ଦିରର ନିଜସ୍ୱ ୱେବ୍‌ସାଇଟ୍ **www.shreejagannatha.in** କୁ ଏବଂ **www.stayatpurijagannatha.in** ମାଧ୍ୟମରେ ଭକ୍ତନିବାସଗୁଡ଼ିକର ବୁକିଂ କରାଯାଉଥିବା ମୁଖ୍ୟ ପ୍ରଶାସକ ପତ୍ର ମାଧ୍ୟମରେ ଜଣାଇଛନ୍ତି । ନକଲୀ ୱେବ୍‌ସାଇଟ୍ ଓ ଜାଲ୍ ଆକାଉଣ୍ଟ ଜରିଆରେ କିଛି ବ୍ୟକ୍ତି ସାଧାରଣ ଜନତାଙ୍କୁ ଠକେଇ କରିଥିବାର ପ୍ରମାଣ ହସ୍ତଗତ ହେବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି ।

## ମାର୍ଗଦର୍ଶିକା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ଜନିତ ସ୍ଥିତିର ମୁକାବିଲା ଲାଗି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିସହ ସମସ୍ତ ପୌରାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଦିଆଯାଇଛି । ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ, ପାଇପ୍‌ଲାଇନ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସହ ପାନୀୟ ଜଳଯୋଗାଣ ସମ୍ପର୍କିତ ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରାସ୍ତାକଡ, ଛକ, ସରକାରୀ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ବଜାର ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ବିତରଣ କେନ୍ଦ୍ର ଖୋଲାଯିବ। ସହରାଞ୍ଚଳ ଏବଂ ଏହାର ଆଖପାଖରେ ଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ମରାମତି କରାଯିବା ନେଇ ବୈଠକରେ ସ୍ଥିର ହୋଇଛି।

## ମହାଶିବରାତ୍ରୀ ପ୍ରସ୍ତୁତି

**ଭଦ୍ରକ** ଜିଲ୍ଲା ଆରଡୀର ପ୍ରସିଦ୍ଧ ଆଖଣ୍ଡଳମଣିଙ୍କ ପୀଠରେ ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ପାଳନ ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ପୂର୍ବାଞ୍ଚଳ ଡି.ଆଇ.ଜି., ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜାଗରଯାତ୍ରା ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା, ପୀଠକୁ ନଦୀପାର ହୋଇ ଆସୁଥିବା ଭକ୍ତମାନଙ୍କ ପାଇଁ ଘାଟରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ କରାଯିବା ନେଇ ସ୍ଥିତ ହୋଇଛି। ମଣିବାବାଙ୍କ ମହାଦୀପ ଓ ସୁନାବେଶକୁ ଶୃଙ୍ଖଳିତ ଭାବେ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

## କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ କଟକର ନେତାଜୀ ବସ୍ ଟର୍ମିନାଲ୍ ପରିସରରେ ଉଦ୍‌ଘାଟିତ ହୋଇଥିବା 'ପଞ୍ଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ'ର ଆଜି ହେଉଛି ଦ୍ୱିତୀୟ ଦିବସ। କାର୍ଯ୍ୟକ୍ରମରେ କାଶ୍ମୀର ଉପତ୍ୟକା ଅଂଚଳରୁ ୧୩୨ ଜଣ ଯୁବ ପ୍ରତିନିଧି ଯୋଗ ଦେଇଛନ୍ତି। କଟକ-ଭୁବନେଶ୍ୱର ଏହାର ଆଖପାଖ ଅଂଚଳକୁ ଯୁବ ପ୍ରତିନିଧିମାନେ ବୁଲି ଦେଖୁଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।

## ଢେଙ୍କାନାଳ କପ

ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଢେଙ୍କାନାଳ କପ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ପ୍ରଥମ ଦିନରେ ଆଜି ସିଏଲ୍‌ଡବ୍ଲ୍ୟୁ କୋଲକାତା ଓ ଢେଙ୍କାନାଳ ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଟ୍ୱେଣ୍ଟି-ଟ୍ୱେଣ୍ଟି ଓଭର  ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

## ସେଲିବ୍ରିଟି କ୍ରିକେଟ୍

ସେଲିବ୍ରିଟି କ୍ରିକେଟ୍ ଲିଗ୍'ର ୨ଟି ମ୍ୟାଚ୍ ଆଜି କଟକ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଉଛି। ପଂଜାବ ଦେ ସେର' ଏବଂ ଭୋଜପୁରୀ ଦବଙ୍ଗସ୍ ମଧ୍ୟରେ ବର୍ତ୍ତମାନ ଖେଳ ଜାରି ରହିଛି। ଦ୍ୱିତୀୟ ମ୍ୟାଚ୍‌ଟି ମୁମ୍ବାଇ

ହିରୋଜ୍ ଏବଂ ବେଙ୍ଗଲ ଟାଇଗର୍ସ୍ ମଧ୍ୟରେ ସନ୍ଧ୍ୟା ସାଢ଼େ ଛଅଟାରେ ଖେଳାଯିବ। ଏହି ସଂସ୍କରଣରେ ୭ଟି ଦଳ ଖେଳୁଛନ୍ତି।  ୧୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ ୨ ଇନିଂସ୍‌ରେ ଖେଳାଯିବ। ହିନ୍ଦୀ ଏବଂ ଅନ୍ୟ ଭାଷାର ଚଳଚ୍ଚିତ୍ରରେ ଅଭିନୟ କରିଥିବା ତାରକା ଏବଂ ଅଭିନେତାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

## ପାଣିପାଗ

ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲା ସହିତ ଅନ୍ୟ କେତେକ ସ୍ଥାନରେ ଆସନ୍ତା ସପ୍ତାହରେ ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଗତକାଲି ବୌଦ୍ଧରେ ସର୍ବାଧିକ ୩୬ ଦଶମିକ ୫ ଡିଗ୍ରୀ ସେଲସିୟସ୍ ଏବଂ ଫୁଲବାଣୀରେ ସର୍ବନିମ୍ନ ୧୦ ଦଶମିକ ୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା।

**********************************